**ମଙ୍ଗଳବାର କାମାକ୍ଷାନଗରରେ ଜନଶୁଣାଣି**

ଢେଙ୍କାନାଳ ଅଫିସ୍: ଆସନ୍ତା ମଙ୍ଗଳବାର ପୂର୍ବାହ୍ନ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ସମ୍ମିଳନୀ କକ୍ଷରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ରହି ଆପତ୍ତି ଅଭିଯୋଗ ଶୁଣିବେ। ଅଞ୍ଚଳବାସୀ ଏହାର ସୁଯୋଗ ନେବାକୁ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆହ୍ୱାନ ଦିଆଯାଇଛି।

# ଜଳାଶୟ ଏବେ ଜଙ୍ଗଲ

(ବିପିନ ବିହାରୀ ସେଠୀ)

ଭୁବନ, ୨୭।୫



ଲଟାବୁଦାରେ ଭର୍ତ୍ତି ହୋଇଛି ଚିନ୍ନରା ପୋଖରୀ।

- ଭୁବନ ଏନ୍ଏସିରେ ଜଳସଙ୍କଟ ଉତ୍କଟ
- ୬ରୁ ଊର୍ଦ୍ଧ୍ୱ ପୋଖରୀ ପରିତ୍ୟକ୍ତ
- ପୁନରୁଦ୍ଧାର ପାଇଁ ଆନ୍ତରିକତା ନାହିଁ

କେବେ ଏଠାରେ ଲହଡ଼ି ଖେଳୁଥିଲା କାଚକେନ୍ଦୁ ଭଳି ପାଣି। କେବଳ ଗାଧୁଆପାଧୁଆ ଭଳି ଦୈନନ୍ଦିନ କାର୍ଯ୍ୟ ନୁହେଁ, ସ୍ଥାନୀୟ ବାସିନ୍ଦାଙ୍କ ଜଳକଷ୍ଟ ମଧ ମେଣ୍ଟୁଥିଲା। ଜାନିଯାତ୍ରା, ମେଳା, ମହୋତ୍ସବ, ବିବାହ ବ୍ରତ ଭଳି କାର୍ଯ୍ୟରେ ଜଳାଶୟ ଉପରେ ନିର୍ଭର କରୁଥିଲେ ହଜାର ହଜାର ଜନସାଧାରଣ। ଉପକୃତ ହେଉଥିଲେ ଗୃହପାଳିତ ପ୍ରାଣୀ। ଏବେ କିନ୍ତୁ ପରିସ୍ଥିତି ଭିନ୍ନ। ପୋଖରୀରେ ପାଣିର ଚିହ୍ନବର୍ଣ୍ଣ ନାହିଁ। କେଉଁଠ ଦଳ ତ ଅନ୍ୟ କେଉଁଠି ଲଟାବୁଦା ମାଡ଼ି ଅରଣ୍ୟର ଭ୍ରମ ସୃଷ୍ଟି କରୁଛି। ବୁଲାଗୋରୁଙ୍କ ଚାରଣ ଭୂମି ପାଲଟିଥିବା ଏହି ସ୍ଥାନରେ ଯେ ଏକଦା ବିଶାଳକାୟ ଜଳାଶୟ ଥିଲା, ତାହା ଜଣାପଡୁନାହିଁ। ସମସ୍ୟା କେବଳ ଗୋଟିଏ କି ଦୁଇଟି ପୋଖରୀରେ ସୀମିତ ନୁହେଁ, ପ୍ରଶାସନିକ ଅବହେଳାରୁ ଢେଙ୍କାନାଳ ଜିଲା ଭୁବନର ଅଧିକାଂଶ ପୁଷ୍କରିଣୀ ଏବେ ଜନମାନସରୁ ହଜିଯିବାକୁ ବସିଛି।

ଏସିଆ ମହାଦେଶର ସବୁଠାରୁ ବଡ଼ ଗାଁ ଭୁବନକୁ ୧୯୭୨ରେ ମିଳିଥିଲା ଏନ୍ଏସି ମାନ୍ୟତା। ଇତିମଧ୍ୟରେ ବିତିଗଲାଣି ଦୀର୍ଘ ୫୦ ବର୍ଷ। ହେଲେ ଅଞ୍ଚଳବାସୀଙ୍କ ପାଖରେ ଆଜି ବି ଅପହଞ୍ଚ ହୋଇରହିଛି ରାସ୍ତାଘାଟ, ପାନୀୟଜଳ, ପରିମଳ ଭଳି ମୌଳିକ ସୁବିଧା। ତେବେ ଗତ କିଛିବର୍ଷ ମଧ୍ୟରେ ଯେଉଁ ସମସ୍ୟା ସବୁଠାରୁ ଉତ୍କଟରୂପ ଧାରଣ କରିଛି, ତାହା ହେଲା ପାଣି। ଦିନକୁ ଦିନ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବାବେଳେ ଖରା ଆସୁଆସୁ ଆରମ୍ଭ ହୋଇଯାଉଛି ଜଳସଙ୍କଟ। ୩ରୁ ୪ ମାସ ଯାଏ ଏହା ଜାରିରହୁଛି। ଫଳରେ ୧୫ ୱାର୍ଡ ବିଶିଷ୍ଟ ଏନ୍ଏସିର ହଜାର ହଜାର ପରିବାର ଡହଳବିକଳ ହେଉଛନ୍ତି। ପୁରାତନ ପୁଷ୍କରିଣୀଗୁଡ଼ିକର ପୁନରୁଦ୍ଧାର ନ ହେବା ସ୍ଥିତିକୁ ଆହୁରି ସଙ୍ଗିନ କରିପକାଉଛି।

ଏନ୍ଏସିର ବିଭିନ୍ନ ୱାର୍ଡରେ ୨୦ରୁ ଊର୍ଦ୍ଧ୍ୱ ସରକାରୀ ଏବଂ ବେସରକାରୀ ଜଳାଶୟ ରହିଛି। ତନ୍ମଧ୍ୟରୁ ପୁଷ୍ଟିପୋଖରୀ, ଚିନ୍ନରା ପୋଖରୀ, ନୂଆପୋଖରୀ–୧, ନୂଆପୋଖରୀ–୨, ବେଣାଗାଡ଼ିଆ, ମଝିବେଣାଗାଡ଼ିଆ, ଗୋଡ଼ିପୋଖରୀ, ଗହମପୋଖରୀ, ସାନଦଲକ, ଦଲକ, ଝରଣ ପୋଖରୀ, ମଠପୋଖରୀ, ଦୁର୍ଗାସାଗର, କଇଁଗାଡ଼ିଆ ଆଦି ଏନ୍ଏସି ପରିଚାଳନାରେ ରହିଛି। ତେବେ ବର୍ଷବର୍ଷ ଧରି ଦଳ, ପଙ୍କ ସଫେଇ କିମ୍ବା ପୁନରୁଦ୍ଧାର ହେଉ ନ ଥିବାରୁ ଚିନ୍ନରାପୋଖରୀ, କଇଁଗାଡ଼ିଆ, ବେଣାଗାଡ଼ିଆ, ଝରଣ ପୋଖରୀ, ନୂଆପୋଖରୀ, ସାନଦଲକ ଆଉ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। କେବଳ ବର୍ଷାଦିନେ କେତେକାଂଶରେ ଏହା କାମରେ ଆସୁଛି। ନଚେତ୍ ଅଧିକାଂଶ ସମୟ ଶୁଖିଲା ପଡୁଛି। ଅନ୍ୟସବୁ ପୋଖରୀଗୁଡ଼ିକର ମଧ ସମାନ ଅବସ୍ଥା। ସବୁଠାରୁ ବଡ଼କଥା ଅଧିକାଂଶ ପୋଖରୀ ମାଛଚାଷ ପାଇଁ ବ୍ୟବହାର ହେଉଛି। ନିଲାମଧାରୀ ଅଧିକ ଲାଭ ଆଶାରେ କୁକୁଡ଼ା ମଳ, ଖତ, ରାସାୟନିକ ପକାଉଛନ୍ତି। ଏହାଦ୍ୱାରା ପାଣି ଦୂଷିତ ହୋଇଯାଇଛି। ଗାଧୋଇଲେ ଦେହହାତ କୁଣ୍ଡାଇ ହେଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ ୱାର୍ଡବାସୀଙ୍କ ବାରମ୍ବାର ଦାବି ପରେ ନିକଟରେ ପୁଷ୍ଟିପୋଖରୀ ଦଳସଫେଇ ଆରମ୍ଭ ହୋଇଛି। ହେଲେ ଅନ୍ୟ ଜଳାଶୟଗୁଡ଼ିକର ପୁନରୁଦ୍ଧାର ପାଇଁ ଯୋଜନା କରାଯାଉନାହିଁ। ନଦୀରେ ଚେକ୍ଡ୍ୟାମ୍ ନିର୍ମାଣ, ପୁରାତନ ଜଳାଶୟ ଖନନ କରିବା ଦ୍ୱାରା ଭୂତଳ ଜଳସ୍ତର ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ଥିଲେ ବି ଏ ଦିଗରେ ଦୃଷ୍ଟି ଦିଆଯାଉନାହିଁ। କେନ୍ଦ୍ର ଓ ରାଜ୍ୟ ସରକାର ପୋଖରୀ ଖନନ ପାଇଁ ଏକାଧିକ ଯୋଜନା କରିଥିଲେ ମଧ ତାହାର ଠିକ୍ କାର୍ଯ୍ୟାନ୍ୱୟନ ହେଉନାହିଁ। ଫଳରେ ସମସ୍ୟା ଦିନକୁ ଦିନ ଜଟିଳ ହେଉଥିବା ସହରର ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି।

### ପୁରାତନ ଜଳାଶୟଗୁଡ଼ିକୁ ପୁନରୁଦ୍ଧାର କରାଯିବ



“କେନ୍ଦ୍ର ସରକାରଙ୍କ ଅମୃତ ସରୋବର ଯୋଜନା ବିଷୟରେ ଅବଗତ ନୁହେଁ। ବୁଝିବା ପରେ ଯାହା କହିହେବ। ନୂତନ ଯୋଜନାରେ ପୁରାତନ ଜଳାଶୟଗୁଡ଼ିକୁ ପୁନରୁଦ୍ଧାର କରାଯିବ। ଲୋକମାନଙ୍କ ଦୈନନ୍ଦିନ ଆବଶ୍ୟକତା ପୂରଣ ଲାଗି ବ୍ୟବସ୍ଥା କରାଯିବ।

-ଶ୍ୟାମସୁନ୍ଦର ସାହୁ, ଏନ୍ଏସି ନିର୍ବାହୀ ଅଧିକାରୀ

### ସମାଧାନ ପାଇଁ ଆନ୍ଦୋଳନ ଏକମାତ୍ର ବିକଳ୍ପ



“ଭୁବନରେ ଅନେକ ପୋଖରୀ ଶୁଖିଲା ପଡ଼ିଛି। ସହରବାସୀ ଜନସ୍ୱାସ୍ଥ୍ୟ ବିଭାଗର ପାଣି ଯୋଗାଣ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇପଡ଼ିଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଏ ଦିଗରେ ଗୁରୁତ୍ୱ ଦିଆଯାଉନାହିଁ। ସମାଧାନ ପାଇଁ ଏବେ ଆନ୍ଦୋଳନ ଏକମାତ୍ର ବିକଳ୍ପ।

-ବିନୋଦ ମହାରଣା, ସାମାଜିକ କର୍ମୀ

### ଏସିଆ ମହାଦେଶର ବଡ଼ ଗାଁକୁ ଅବହେଳା



“ଏସିଆ ମହାଦେଶର ସବୁଠାରୁ ବଡ଼ ଗାଁ ଭୁବନ ବର୍ଷ ବର୍ଷ ଧରି ଅବହେଳିତ ହୋଇ ରହିଛି। ପୋଖରୀ ଶୁଖିଲା ପଡ଼ିଥିବାରୁ କେବଳ ଜନସାଧାରଣ ନୁହନ୍ତି, ଗୃହପାଳିତ ପ୍ରାଣୀ ମଧ ପ୍ରଭାବିତ ହେଉଛନ୍ତି। ଏନ୍ଏସି କର୍ତ୍ତୃପକ୍ଷଙ୍କ ଅବହେଳା ଏଥିପାଇଁ ଦାୟୀ।

-ସୁରେନ୍ଦ୍ର କୁମାର ପୃଷ୍ଟି, କୃଷକ ନେତା

### ଆଦର୍ଶ ପୋଖରୀ ହେଉ ବେଣାଗାଡ଼ିଆ



“ଭୁବନ ଏନ୍ଏସିର ବେଣାଗାଡ଼ିଆ ମୁଖ୍ୟ ପୋଖରୀ। ଐତିହାସିକ ଏବଂ ସାଂସ୍କୃତିକ ଦୃଷ୍ଟିକୋଣରୁ ଏହାର ଗୁରୁତ୍ୱ ରହିଛି। ଦୀର୍ଘବର୍ଷ ହେଲା ପୁନରୁଦ୍ଧାର କରାଯାଉ ନ ଥିବାରୁ ଏହା ପରିତ୍ୟକ୍ତ ହୋଇପଡ଼ିଛି। ଏହାକୁ ଆଦର୍ଶ ପୋଖରୀ କରାଗଲେ ଏହାର ଗୁରୁତ୍ୱ ବଢ଼ନ୍ତା।

-ବିପିନ ବିହାରୀ ଦାସ, ସାମାଜିକ କର୍ମୀ

## ସଂକ୍ଷେପରେ

### ଚଳନ୍ତା କାର୍‌ରେ ଲାଗିଲା ନିଆଁ



କାମାକ୍ଷାନଗର, ୨୭।୫(ଡି.ଏନ୍.ଏ.): ଢେଙ୍କାନାଳ ଜିଲା କାମାକ୍ଷାନଗର ତାରିଣୀ ମନ୍ଦିର ନିକଟରେ ଶୁକ୍ରବାର ଏକ ଚଳନ୍ତା କାର୍‌ରେ ନିଆଁ ଲାଗିଯାଇଥିଲା। ଅଗ୍ନିଶମ ବାହିନୀ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିବାବେଳେ ଏକ ବଡ଼ ଧରଣର ଦୁର୍ଘଟଣାକୁ ଟାଳି ଦିଆଯାଇପାରିଛି। ଗାଡ଼ିରେ ଥିବା ୪ ଜଣ ଯାତ୍ରୀ ସୁରକ୍ଷିତ ଅଛନ୍ତି। ସୂଚନାଯୋଗ୍ୟ, ଉକ୍ତ କାର୍ ତାଳଚେରରୁ କାମାକ୍ଷାନଗର ଅଭିମୁଖେ ଆସୁଥିବା ବେଳେ ହଠାତ୍ ଇଞ୍ଜିନ୍‌ରୁ ଧୂଆଁ ବାହାରିଥିଲା। ଗାଡ଼ିରେ ନିଆଁ ଲାଗିଥିବା ଜାଣିବା ପରେ ଯାତ୍ରୀମାନେ ପ୍ରାଣ ବିକଳରେ ବାହାରକୁ ବାହାରି ଆସିଥିଲେ। ଯାନ୍ତ୍ରିକ ତ୍ରୁଟି କାରଣରୁ ଏଭଳି ଅଘଟଣ ଘଟିଥିବା ଅନୁମାନ କରାଯାଉଛି।

### ବାଇକ୍ ଦୁର୍ଘଟଣା: ଯୁବକ ମୃତ

କାମାକ୍ଷାନଗର, ୨୭।୫(ଡି.ଏନ୍.ଏ.): ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କୀର୍ତ୍ତନପୁର ଛକ ନିକଟରେ ଶୁକ୍ରବାର ଅପରାହ୍ନ ୪ଟାରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଘଟଣାସ୍ଥଳରେ ଉଦୟନାଥ ସାହୁ (୩୮)ଙ୍କ ମୃତ୍ୟୁ ଘଟିଥିବାବେଳେ ବିଶ୍ୱନାଥ ଷଣ୍ଢ ଗୁରୁତର ହୋଇଛନ୍ତି। ଭୁବନ ବ୍ଲକ ଜିରାଳ ଗ୍ରାମର ଉଦୟନାଥ ଏବଂ ବିଶ୍ୱନାଥ କୌଣସି କାର୍ଯ୍ୟରେ କଙ୍କଡାହାଡ଼ ବ୍ଲକ ସୋଲଗାଁ ଯାଇ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। କଙ୍କଡାହାଡ଼ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ବିଶ୍ୱନାଥଙ୍କୁ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଉଦ୍‌ବେଗଜନକ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଉଦୟନାଥଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ନିର୍ମଳା ଗୋଛାୟତ ସୂଚନା ଦେଇଛନ୍ତି।

### ସଞ୍ଚୟ ଦିବସ ପାଳିତ

ଢେଙ୍କାନାଳ ଅଫିସ, ୨୭।୫: ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଅଁଳାବେରେଣୀ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱଳ୍ପ ସଞ୍ଚୟ ଦିବସ ପାଳିତ ହୋଇଯାଇଛି। ଜିଲା ରେଡ୍‌କ୍ରସ୍ ଓ ସ୍ୱଳ୍ପ ସଞ୍ଚୟ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜମାକାରୀଙ୍କୁ ସଞ୍ଚୟର ଆବଶ୍ୟକତା ଏବଂ ଲାଭ ଉପରେ ମାର୍ଗଦର୍ଶନ କରାଯାଇଥିଲା। ଭବିଷ୍ୟତ ଆବଶ୍ୟକତା ପୂରଣ, ଜୀବନକୁ ସୁଖମୟ କରିବାକୁ ହେଲେ ଆମକୁ ସଞ୍ଚୟ କରିବାକୁ ପଡ଼ିବ ବୋଲି ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା କହିଥିଲେ। କାମାକ୍ଷାନଗର ଉପଖଣ୍ଡ ଡାକ ନିରୀକ୍ଷକ ପୁରୁଷୋତ୍ତମ ନାୟକ, ଅଁଳାବେରେଣୀ ସରପଞ୍ଚ ରାଜୀବ କୁମାର ନାୟକ ବିଭିନ୍ନ ସଞ୍ଚୟ ଯୋଜନା ଉପରେ ଆଲୋକପାତ କରିଥିଲେ। ଡାକ କର୍ମଚାରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଅଙ୍ଗନୱାଡି କର୍ମୀ, ଏସ୍ଏଚ୍‌ଜି ସଦସ୍ୟ ଉପସ୍ଥିତ ଥିଲେ।

### ଯକୃତ ରୋଗରେ ଖବରଦାତାଙ୍କ ପରଲୋକ



ଭୁବନ, ୨୭।୫ (ଡି.ଏନ୍.ଏ.): ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ଜଣାଶୁଣା ଗଣମାଧ୍ୟମ ପ୍ରତିନିଧି ସିରାଜୁଦ୍ଦିନ ଖାନ୍‌ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୪୮ ବର୍ଷ ହୋଇଥିଲା। ସେ ୬ମାସ ହେଲା ଜଟିଳ ଯକୃତ ରୋଗରେ ପୀଡ଼ିତ ଥିଲେ। ଚିକିତ୍ସା ହେବା ପରେ ସେ ସୁସ୍ଥ ହୋଇ ଆସୁଥିଲେ। ତେବେ ଦୁଇଦିନ ତଳେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଶୁକ୍ରବାର ସକାଳେ ତାଙ୍କୁ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା। ତେବେ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମରଶରୀରକୁ ଭୁବନ ଅଣାଯାଇ ନଗର ପରିକ୍ରମା କରାଯିବା ପରେ ଯାଜପୁର ଜିଲା ସୁକିନ୍ଦାସ୍ଥିତ ପୈତୃକ ଗ୍ରାମକୁ ନିଆଯାଇ କବର ଦିଆଯାଇଥିଲା। ସିରାଜୁଦ୍ଦିନ୍ ଏକ ଆଞ୍ଚଳିକ ବୈଦ୍ୟୁତିକ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ଏହାପୂର୍ବରୁ ସେ ସମ୍ବାଦ, ନକ୍ଷତ୍ରଜ୍ୟୋତି ଭଳି ଛାପା ଗଣମାଧ୍ୟମ ସହ ଦୀର୍ଘଦିନ ଧରି ଜଡ଼ିତ ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଭୁବନ ଡାକବଙ୍ଗଳାରେ ସ୍ଥାନୀୟ ଖବରଦାତାଙ୍କୁ ନେଇ ସନ୍ଧ୍ୟାରେ ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା।

## ଟାର୍ଗେଟରେ ମଦ ଦୋକାନ

ଭୁବନ, ୨୭।୫(ଡି.ଏନ୍.ଏ.)




- ଶଟର କାଟି ୪ ଲକ୍ଷ ଟଙ୍କାର ବିଦେଶୀ ମଦ ଲୁଟ୍
- ଭୁବନ ଅଞ୍ଚଳରେ ବଢ଼ୁଛି ଅସାମାଜିକଙ୍କ ଆତଙ୍କ

ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ରାଜପଥରେ ଲୁଟେରା ଗ୍ୟାଙ୍ଗ୍ ସକ୍ରିୟ ହୋଇଉଠିଥିବାବେଳେ ବାଇକ୍ ଆରୋହୀ ଛିନ୍ତାଇ ଗୋଷ୍ଠୀ ସହରବାସୀଙ୍କ ନିଦ ହଜାଇଛନ୍ତି। ପୂର୍ବରୁ ଛୋଟବଡ଼ ଆପରାଧିକ କାର୍ଯ୍ୟ ଘଟାଉଥିବା ଦୁର୍ବୃତ୍ତମାନେ ଏବେ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନ ଉପରେ ପକାଇଛନ୍ତି ନଜର। ଗତ ଗୁରୁବାର ବିଳମ୍ବିତ ରାତିରେ ୨ନଂ. ୱାର୍ଡ ଅନ୍ତର୍ଗତ ବେଠିଆପାଳରେ ଥିବା ଠିପିବନ୍ଦ ବିଦେଶୀ ମଦ ଦୋକାନରେ କଳାକନା ବୁଲାଇଛନ୍ତି ଅସାମାଜିକ ଗୋଷ୍ଠୀ। ଗ୍ୟାସ୍ କଟର ସହାୟତାରେ ଦୋକାନ ଶଟର କାଟି ସେମାନେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମଦ ନେଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ମ୍ୟାନେଜର କ୍ଷେତ୍ରମୋହନ ପାତ୍ର ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ. ୨୧୪/୨୨ରେ ଏକ ମାମଲା ରୁଜୁ କରିଛି। ସ୍ଥାନୀୟ ପୋଲିସ ଢେଙ୍କାନାଳ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି।

ଉକ୍ତ ଠିପିବନ୍ଦ ମଦ ଦୋକାନରୁ ଲୁଟ୍‌ପାଟ୍ ପ୍ରଥମ ଘଟଣା ନୁହେଁ। ଏଥିପୂର୍ବରୁ ଉକ୍ତ ଦୋକାନରୁ ୨ ଥର ଅନୁରୂପ ଚୋରି ହୋଇଛି। ତେବେ ଗୁରୁବାର ରାତିରେ ଅଭିଯୁକ୍ତମାନେ ସବୁ ସୀମା ଟପିଯାଇଛନ୍ତି। ଦୋକାନରେ ଉନ୍ନତମାନର କବାଟ, ଶଟର ଥିବାବେଳେ ଏହାକୁ ଗ୍ୟାସ୍ କଟରରେ କଟାଯାଇଛି। ଧରାପଡ଼ିବା ଆଶଙ୍କାରେ ଅଭିଯୁକ୍ତମାନେ ସିସିଟିଭି ଏବଂ ହାର୍ଡଡିସ୍କ ଭାଙ୍ଗିଦେଇଛନ୍ତି। ଏହି ଘଟଣାରେ ପେସାଦାର ଅପରାଧୀଙ୍କ ହାତ ରହିଥିବା ସନ୍ଦେହ କରାଯାଉଛି। କେବଳ ଏତିକି ନୁହେଁ, ମଦ ଦୋକାନରେ ଥିବା ଅନ୍ୟ ଏକ ପାନ ଦୋକାନରୁ ମଧ ଦୁର୍ବୃତ୍ତମାନେ ଲୁଟ୍‌ପାଟ୍ କରିଛନ୍ତି।

ଏ ନେଇ ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ର କୁହନ୍ତି, ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ତଦନ୍ତ କରାଯାଇଛି। ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ତନାଘନା ଚାଲିଛି।

## ‘ଦେଶପ୍ରୀତି ସୃଷ୍ଟି କରେ ସାହିତ୍ୟ’

ଢେଙ୍କାନାଳ ଅଫିସ, ୨୭।୫

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଢେଙ୍କାନାଳ ଜିଲା ଶାଖା ପକ୍ଷରୁ ବୁଧବାର ସନ୍ଧ୍ୟାରେ ୧୯ତମ ଇ–ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ‘ଆମ ଐତିହ୍ୟ ଓ ଆମ ସଂସ୍କୃତି’ ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ଆଲୋଚନାରେ ସଭାପତି ଡ. ପ୍ରଫୁଲ୍ଲ କୁମାର ପାଣି ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ଅଟଳ ବିହାରୀ ଦାଶ ଯୋଗଦେଇ କହିଲେ, ସାହିତ୍ୟ ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରୀତି ସୃଷ୍ଟି କରିଥାଏ। ଏହି ଅବସରରେ ସେ ସନ୍ଥକବି ଭୀମଭୋଇ, ଡ. ମାୟାଧର ମାନସିଂହ, ପଣ୍ଡିତ ଗୋପବନ୍ଧୁ ଦାସ, ସ୍ୱଭାବକବି ଗଙ୍ଗାଧର ମେହେର, ରାଧାନାଥ ରାୟ, ସଚ୍ଚିଦାନନ୍ଦ ରାଉତରାୟ, ବିଭୂତି ମିଶ୍ରଙ୍କ ଅମର କୃତିର ଉଦାହରଣ ଦେଇ ମାର୍ଗଦର୍ଶନ କରାଇଥିଲେ। ବରିଷ୍ଠ କବି ତଥା ଶିକ୍ଷକ ବିନୟ କୁମାର ସାମଲଙ୍କ ସଂଯୋଜନାରେ ପଣ୍ଡିତ ବିପିନ ବିହାରୀ ଶତପଥୀ ବନ୍ଦନା ଗାନ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ ବିବେକବାଣୀ, ପୂଜାରାଣୀ ସାହୁ ଶାନ୍ତିମନ୍ତ୍ର ପାଠ କରିଥିଲେ। ଶିକ୍ଷକ ଦୀନବନ୍ଧୁ ପୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସଭାପତି ପ୍ରଫୁଲ୍ଲ ପାଣିଙ୍କ ସଭାପତିତ୍ୱରେ ସାଙ୍ଗଠନିକ ଆଲୋଚନାରେ ରାଜ୍ୟ ଉପସଭାପତି ଡ. ପ୍ରଳୟ କୁମାର ନନ୍ଦ, ଯୁଗ୍ମ ସମ୍ପାଦକ ସୀମାଞ୍ଚଳ ମିଶ୍ର, ମଧ୍ୟମ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, ଶଙ୍କର୍ଷଣ ଶତପଥୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ନିଶାସକ୍ତ ଡ୍ରାଇଭରଙ୍କ ପାଇଁ ଦୁର୍ଘଟଣା

### ୨୦ ଶ୍ରମିକ ଆହତ, ୫ ଗୁରୁତର

ପରଜଙ୍ଗ, ୨୭।୫(ଡି.ଏନ୍.ଏ.)




ଦୁର୍ଘଟଣାରେ ଓଲଟି ପଡ଼ିଥିବା ମିନିଟ୍ରକ୍।

ନିଶାସକ୍ତ ଡ୍ରାଇଭରଙ୍କ ବେପରୁଆ ଗାଡ଼ିଚାଳନା ପାଇଁ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୫୩ନଂ. ଜାତୀୟ ରାଜପଥର ବଡ଼ଝରା ଗ୍ରାମ ନୂଆସାହି ନିକଟରେ ଶୁକ୍ରବାର ବଡ଼ଧରଣର ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ମିନିଟ୍ରକ୍ (ନଂ. ଓଡ଼ି ୧୯ ଆର୍ ୪୭୯୬) ଓଲଟି ପଡ଼ିବାରୁ ୨୦ ଜଣ ଶ୍ରମିକ ଆହତ ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ୫ଜଣଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସମ୍ପୃକ୍ତ ଶ୍ରମିକମାନେ ସୁକିନ୍ଦା–ଅନୁଗୋଳ ନୂତନ ରେଳପଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ନାଗାର୍ଜୁନ କନ୍‌ଷ୍ଟ୍ରକ୍ସନ କମ୍ପାନୀରେ କାମ କରୁଛନ୍ତି। ମୁକ୍ତାପଶିରୁ କାମ ସାରି କମଳାଙ୍ଗସ୍ଥିତ ରେଲୱେ ପ୍ରୋଜେକ୍ଟ ସ୍ଥଳକୁ ଯାଉଥିବାବେଳେ ବଡ଼ଝରା ନିକଟରେ ଭାରସାମ୍ୟ ବିଗିଡ଼ିଯିବାରୁ ଗାଡ଼ି ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଓ ଗୁରୁତରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡ୍ରାଇଭର ନିଶା ସେବନ କରି ଗାଡ଼ି ଚଳାଉଥିଲେ। ତେଣୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ଗୁରୁତର ଶ୍ରମିକଙ୍କ ମଧ୍ୟରେ ଅନେକେ କହିଛନ୍ତି। ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ରାଜପଥ ଏବଂ ରେଲୱେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକାସଂସ୍ଥା ଶ୍ରମିକଙ୍କୁ ଅସୁରକ୍ଷିତ ଭାବେ ପରିବହନ କରୁଛନ୍ତି। ଏହାର ତଦାରଖ କରାଯାଉନାହିଁ। ତେଣୁ ବିଭିନ୍ନ ସମୟରେ ଏଭଳି ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## କେନ୍ଦ୍ରୀୟ ଯୋଜନା ବିଷୟ ସଚେତନ କରାଯିବ

ଢେଙ୍କାନାଳ ଅଫିସ, ୨୭।୫

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୮ବର୍ଷ ଶାସନ ପୂର୍ତ୍ତି ଉପଲକ୍ଷେ ଢେଙ୍କାନାଳ ଜିଲାବାସୀଙ୍କ ପାଖରେ କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ସଚେତନତା ବାର୍ତ୍ତା ପହଞ୍ଚାଇବାକୁ ଜିଲା ଭାଜପା ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମ ଜୁନ୍ ୧ରୁ ଆରମ୍ଭ ହୋଇ ୧୫ ତାରିଖ ଯାଏ ଚାଲିବ। ଏ ନେଇ ଦଳୀୟ ଜିଲା କାର୍ଯ୍ୟାଳୟରେ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୋଗଦେଇ ଜିଲା ପ୍ରଭାରୀ ପ୍ରଭାତୀ ପରିଡ଼ା କହିଲେ, ରାଜ୍ୟ ଓ ଜିଲାର ବିକାଶ ପାଇଁ କେନ୍ଦ୍ର ସରକାର ପର୍ଯ୍ୟାପ୍ତ ଅନୁଦାନ ଦେଉଛନ୍ତି। ହେଲେ ଏହାକୁ ବାଟମାରଣା କରାଯାଉଛି। କେନ୍ଦ୍ରୀୟ ଯୋଜନାକୁ ହଡ଼ପ କରିବାକୁ ବିଜେଡି ଶାସକ ଗୋଷ୍ଠୀ ଅପଚେଷ୍ଟା ଚଳାଇଛନ୍ତି। ତେଣୁ ୧ରୁ ୧୫ ତାରିଖ ଯାଏ ସଭା ସମିତି, ବୁଦ୍ଧିଜୀବୀ ସମ୍ମିଳନୀ, ଶୋଭାଯାତ୍ରା କରି ମୋଦି ସରକାରଙ୍କ ଜନହିତକର ଯୋଜନା ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ବୈଠକରେ ବିଭୂତି ପ୍ରଧାନ, ଶତ୍ରୁଘ୍ନ ଜେନା, ଅଞ୍ଜଳି ବେହେରା, ନିରଜ ନଳିନୀ ମହାଳିକ, ରାମଚନ୍ଦ୍ର ପାତ୍ର, ପ୍ରେମାନନ୍ଦ ଜେନା, ନବକିଶୋର ଗୁରୁ, ସୁନୀଲ ଶର୍ମା, ରତିକାନ୍ତ ସାହୁ, ମାତୃପ୍ରସାଦ ନନ୍ଦ, ଇତିଶ୍ରୀ ସାହୁ, ଭାରତୀ ସ୍ୱାଇଁ, ମମତା ସ୍ୱାଇଁ, ମହାଦୀପ ଯଶୋବନ୍ତ ମହିମାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବକ୍ତୃତାରେ ଶକ୍ତି, ସ୍ଲୋଗାନରେ ଅନୁଭବ ଶ୍ରେଷ୍ଠ

ଢେଙ୍କାନାଳ ଅଫିସ, ୨୭।୫

**ତମାଖୁ ବର୍ଜନ ଦିବସ ଉପଲକ୍ଷେ ପ୍ରତିଯୋଗିତା**

ଢେଙ୍କାନାଳ କଲେଜରେ ଜିଲା ସ୍ୱାସ୍ଥ୍ୟ ସମିତି ଏବଂ ଜିଲା ଏନ୍ଏସ୍ଏସ୍ ଆନୁକୂଲ୍ୟରେ ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ଶୁକ୍ରବାର ଜିଲାସ୍ତରୀୟ ବକ୍ତୃତା, ସ୍ଲୋଗାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରଞ୍ଜିତ ପ୍ରଧାନଙ୍କ ସଭାପତିତ୍ୱରେ ଜିଲା ସ୍ୱାସ୍ଥ୍ୟ ବିଭାଗ ସହପରିଚାଳିକା ପ୍ରିୟଦର୍ଶିନୀ ମହାନ୍ତି, ସହଯୋଗାଯୋଗ ଅଧିକାରୀ ନନ୍ଦକିଶୋର ମଲ୍ଲିକ ଅତିଥି ଭାବେ ଯୋଗଦେଇ ତମାଖୁ ସେବନର କୁପରିଣାମ ଉପରେ ସଚେତନ କରାଇଥିଲେ। ବିଭିନ୍ନ ମହାବିଦ୍ୟାଳୟର ୪୯ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବକ୍ତୃତାରେ ଶକ୍ତି ଶତପଥୀ ପ୍ରଥମ, ବିଷ୍ଣୁପ୍ରିୟା ବେହେରା, ଅସୀମା ସ୍ୱାଇଁ ଯୁଗ୍ମ ଦ୍ୱିତୀୟ, ପ୍ରେରଣା ପ୍ରିୟଦର୍ଶିନୀ ସାହୁ ଓ ଶ୍ୱେତପଦ୍ମା ବରାଳ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସ୍ଲୋଗାନ୍‌ରେ ଅନୁଭବ ସାହୁ ପ୍ରଥମ, ଅର୍ପିତା ବିଶ୍ୱାଳ, ଅନନ୍ୟା ଦାସ ଯୁଗ୍ମ ଦ୍ୱିତୀୟ, ମଦନ ପ୍ରଧାନ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଚିତ୍ରାଙ୍କନରେ କାମାକ୍ଷା ପ୍ରସାଦ ଦାସ ପ୍ରଥମ, ପାୟଲ ପ୍ରିୟଦର୍ଶିନୀ ଦ୍ୱିତୀୟ ଏବଂ ବିବେକାନନ୍ଦ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଜେତାଙ୍କୁ ମେ’ ୩୧ ତମାଖୁ ବର୍ଜନ ଦିବସରେ ପୁରସ୍କୃତ କରାଯିବ। ମନସ୍ତତ୍ତ୍ୱ ବିଭାଗ ସହକାରୀ ପ୍ରଫେସର ଡା. ନମିତା ଦାସ, ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ରଶ୍ମି ରଞ୍ଜନ ନାୟକ ବିଚାରକ ରହିଥିବାବେଳେ ଜିଲା ଏନ୍ଏସ୍ଏସ୍ ଅଧିକାରୀ ଡ. ଦେବରାଜ ପରିଡ଼ା ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଅନ୍ୟମାନେ।

## ପ୍ରଦର୍ଶିତ ହେବ ଡୋକ୍ରା କଳା

ଢେଙ୍କାନାଳ ଅଫିସ, ୨୭।୫




ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

**ସପ୍ତଶଯ୍ୟା ମହୋତ୍ସବ ପାଇଁ ପ୍ରସ୍ତୁତି**

- ସୁସ୍ୱାଦୁ ବ୍ୟଞ୍ଜନର ମଜା ନେବେ ଆଗନ୍ତୁକ
- ପିଲାଙ୍କ ମନୋରଞ୍ଜନ ପାଇଁ ଖେଳକୁଦ ବ୍ୟବସ୍ଥା

ଢେଙ୍କାନାଳ ଜିଲାର କଳାକୃତି ଗ୍ରାମ ସଦେଇବେରେଣୀ ନବଜୀବନପୁରରେ ଜୁନ୍ ୧୦ରୁ ତିନିଦିନ ଧରି ଅନୁଷ୍ଠିତ ହେବାକୁ ଯାଉଛି ପ୍ରଥମ ‘ସପ୍ତଶଯ୍ୟା ହସ୍ତଶିଳ୍ପ ଓ ସାଂସ୍କୃତିକ ମହୋତ୍ସବ ସଦେଇବେରେଣୀ–୨୦୨୨’। ଏହାକୁ ସରସ ସୁନ୍ଦର କରିବା ପାଇଁ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ମହୋତ୍ସବରେ ଷ୍ଟଲ୍ ମାଧ୍ୟମରେ ଡୋକ୍ରା ହସ୍ତଶିଳ୍ପ କଳାକୃତି, କୁଟୀର ଶିଳ୍ପ ସାମଗ୍ରୀ ସମେତ ଓରମାସ୍, ଟେକ୍ସଟାଇଲ, ଉଦ୍ୟାନ କୃଷି, କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ, ପର୍ଯ୍ୟଟନ, ଆଞ୍ଚଳିକ ପରିବହନ, ଶିଶୁ ସୁରକ୍ଷା, ସମାଜ ମଙ୍ଗଳ, ଶିକ୍ଷା, ସ୍ୱାସ୍ଥ୍ୟ ବିଭାଗର ବହୁବିଧ ଯୋଜନା ପ୍ରଦର୍ଶିତ ହେବ। ଖାଦ୍ୟଷ୍ଟଲ୍‌ରେ ଆଗନ୍ତୁକମାନେ ସୁସ୍ୱାଦୁ ବ୍ୟଞ୍ଜନର ମଜା ନେଇପାରିବେ। ପିଲାମାନଙ୍କ ମନୋରଞ୍ଜନ ପାଇଁ ଖେଳକୁଦ ବ୍ୟବସ୍ଥା କରାଯିବ। ଉତ୍ସବକୁ ବିଶିଷ୍ଟ ବ୍ୟକ୍ତିଙ୍କୁ ଆମନ୍ତ୍ରଣ କରାଯିବ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପ୍ରତିଭା ସମ୍ମାନିତ ହେବେ। ସନ୍ଧ୍ୟାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ପରିଷ୍କାର ପରିଚ୍ଛନ୍ନତା, ପର୍ଯ୍ୟଟକଙ୍କୁ ସେବା ଯୋଗାଇବା ଏବଂ ଶୃଙ୍ଖଳାର ରକ୍ଷା ଲାଗି ସ୍ଥାନୀୟ ମହାବିଦ୍ୟାଳୟର ଏନ୍‌ସିସି, ସ୍କାଉଟ୍ସ ଦଳକୁ ସ୍ୱେଚ୍ଛାସେବୀ ଭାବେ ନିୟୋଜିତ କରାଯିବ। ମହୋତ୍ସବକୁ ଆକର୍ଷଣୀୟ କରିବା ଲାଗି ଧ୍ୟାନ ଦିଆଯିବ ବୋଲି ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ କହିଛନ୍ତି। କାର୍ଯ୍ୟକ୍ରମ ସମୟରେ ନିରବଚ୍ଛିନ୍ନ ପାନୀୟଜଳ ଏବଂ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ। ଆବଶ୍ୟକସ୍ଥଳେ ଆଶୁ ଚିକିତ୍ସା ନିମନ୍ତେ ୨୪ ଘଣ୍ଟିଆ ଅସ୍ଥାୟୀ ଚିକିତ୍ସା ଶିବିର ଖୋଲାଯିବ। ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବ ବୋଲି ସିଡିଏମ୍‌ଓ ଡା. ଅଶୋକ କୁମାର ଦାସ କହିଛନ୍ତି। ଯାନବାହନ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମହୋତ୍ସବ ସ୍ଥଳରେ ଏକ ଅସ୍ଥାୟୀ ଆଉଟ୍‌ପୋଷ୍ଟ କରାଯିବ ବୋଲି ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ କହିଛନ୍ତି।

ଉତ୍ସବ ସୁପରିଚାଳନା ଲାଗି ମହୋତ୍ସବ ପରିଚାଳନା କମିଟି, ଅର୍ଥ ଉପକମିଟି, ସ୍ୱାସ୍ଥ୍ୟ, ପରିବେଶ ଉପକମିଟି, ଶାନ୍ତିଶୃଙ୍ଖଳା କମିଟି, ଖାଦ୍ୟ କମିଟି ଆଦି ଗଠିତ ହୋଇଥିବା ସୂଚନା ଦିଆଯାଇଛି।

ଜିଲା ସଂସ୍କୃତି ଅଧିକାରୀ ପ୍ରିୟମ୍ବଦା ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମିଳିତ ବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ ପଟ୍ଟନାୟକ, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ଜିଲା କଳା ଓ ସଂସ୍କୃତି ସଂଘ ଉପଦେଷ୍ଟା ଆର୍ଯ୍ୟରତ୍ନ ଚକ୍ରଧର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଆଲୋଚନାରେ ଭାଗନେଇଥିଲେ। କଳା ସଂସ୍କୃତି ସଂଘ ଉପସଭାପତି ଅବନୀ କୁମାର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ବଦଳିଲା ନିର୍ଦ୍ଦେଶନାମା

ଅନୁଗୋଳ ଅଫିସ, ୨୭।୫- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ୧୩ ଜଣ ରେକର୍ଡ ଆସିଷ୍ଟାଣ୍ଟଙ୍କ ବଦଳିରେ ବ୍ୟାପକ ପ୍ରିୟାପ୍ରୀତି ତୋଷଣ କରାଯାଇଥିବା ନେଇ ଅଭିଯୋଗ ହେଉଥିବା ବେଳେ ଶୁକ୍ରବାର ଉକ୍ତ ବଦଳି ନିର୍ଦ୍ଦେଶନାମାରେ ତ୍ରୁଟି ଥିବା କହି ସାମାନ୍ୟ ପରିବର୍ତ୍ତନ କରାଯାଇଛି। ବାହାରିଥିବା ଚିଠି ନଂ-୯୫୫ରେ ଏହି ରେକର୍ଡ ଆସିଷ୍ଟାଣ୍ଟମାନଙ୍କୁ କର୍ତ୍ତୃପକ୍ଷ ସେମି ସ୍କିଲ କର୍ମଚାରୀ ବୋଲି ଉଲ୍ଲେଖ କରିଥିଲେ। ହେଲେ ସେମାନଙ୍କୁ ସ୍କିଲ କର୍ମଚାରୀଙ୍କ ପରି ଦରମା ଦିଆଯାଇ ଆସୁଥିଲା। ଏହା ଧରାପଡ଼ିବା ପରେ ମେଡିକାଲ କର୍ତ୍ତୃପକ୍ଷ ପୁଣି ଏକ ଚିଠି ନଂ-୯୭୭ ତା୨୭।୫।୨୦୨୨ ଜାରି କରିଛନ୍ତି। ଏଥିରେ ସେମି ସ୍କିଲ୍ ସ୍ଥାନରେ ସ୍କିଲ୍ ବୋଲି ଉଲ୍ଲେଖ କରିଛନ୍ତି। ଏହି ଚିଠି ବାହାରିବା ପରେ ବିଭିନ୍ନ ମହଲରେ ମେଡିକାଲ କର୍ତ୍ତୃପକ୍ଷ ସମାଲୋଚନାର ଶିକାର ହୋଇଛନ୍ତି।

### କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଛେଣ୍ଡିପଦା,୨୭।୫(ସ୍ୱ.ପ୍ର.)- ଅନୁଗୋଳ - ସମ୍ବଲପୁର ୫୫ ନଂ ଜାତୀୟ ରାଜପଥର ଜରପଡା ଥାନା ଓଗୀଛକ ନିକଟରେ ଶୁକ୍ରବାର ଏକ କାର୍ ଓ ମୋଟର ସାଇକେଲ ମଧ୍ୟରେ ଧକ୍କା ହେବାରୁ ମୋଟର ସାଇକେଲ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପରା ଗ୍ରାମର ଅନ୍ତର୍ଯ୍ୟାମୀ ନାଏକଙ୍କ ପୁଅ ଗଜେନ୍ଦ୍ର ନାଏକ (୩୨)। ଘଟଣାରୁ ପ୍ରକାଶ, କାର୍‌ଟି ସମ୍ବଲପୁରରୁ ଅନୁଗୋଳ ଯାଉଥିବାବେଳେ ଶ୍ୱଶୁର ଘରକୁ ବାଇକ୍‌ରେ ଯାଉଥିବା ଗଜେନ୍ଦ୍ର ଓଗୀ ଛକଠାରେ ହଠାତ ରାଜପଥକୁ ବାହାରି ପଡିଥିଲେ। ଫଳରେ କାର୍ ସହିତ ମୋଟର ସାଇକେଲର ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଗଜେନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଜରପଡା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛି।

### ନିଖୋଜ ବୃଦ୍ଧଙ୍କ କଙ୍କାଳ ଜବତ

ଖମାର,୨୭।୫(ଡି.ଏନ.ଏ.)- ପାଲଲହଡ଼ା ଉପଖଣ୍ଡ ମାଲ୍ୟଗିରି ପର୍ବତରେ ଏକ ମଠକୁ ଯାଇଥିବା ବେଳେ ନିଖୋଜ ହୋଇଯାଇଥିବା ମୁକୁନ୍ଦ ବେହେରା (୬୫)ଙ୍କ କଙ୍କାଳ ଗୁରୁବାର ପୋଲିସ ଜବତ କରିଛି। ଗତ ଏପ୍ରିଲ ୧୫ରେ ବିରୁ ଓ ପରାବିଲ ଗ୍ରାମର ୬ ଜଣ ମହିମା ଧର୍ମାବଲମ୍ବୀ ମାଲ୍ୟଗିରି ଶିଖରରେ ଥିବା ମଠକୁ ଯାଇଥିଲେ। ତେବେ ଫେରିଲା ବେଳେ ମୁକୁନ୍ଦ ବାଟ ଭୁଲି ଯାଇଥିଲେ। ସାଥୀମାନେ ଖୋଜାଖୋଜି ପରେ ମଧ ତାଙ୍କୁ ପାଇ ନ ଥିଲେ। ଏ ନେଇ ମୁକୁନ୍ଦଙ୍କ ପରିବାର ତରଫରୁ ଖମାର ଥାନାରେ ଅଭିଯୋଗ ହୋଇଥିଲା। ତେବେ ନିଖୋଜର ୪୦ ଦିନ ପରେ ସ୍ଥାନୀୟ ବାସିନ୍ଦା ଜଙ୍ଗଲକୁ ଯାଇଥିବାବେଳେ ନରକଙ୍କାଳ ଦେଖି ପୋଲିସକୁ ଖବର ଦେଇଥିଲେ। ମୁଣ୍ଡରେ ପଗଡି, ଅଣ୍ଟାରେ ନାଲି ଗାମୁଛା ଓ ବ୍ୟାଗ ଦେଖି ପରିବାର ଲୋକ ଏହା ମୁକୁନ୍ଦଙ୍କ କଙ୍କାଳ ବୋଲି ଚିହ୍ନଟ କରିଥିଲେ। ତେବେ ମୃତଦେହ ପୂରା ନଷ୍ଟ ହୋଇଯାଇଥିବାରୁ ବ୍ୟବଚ୍ଛେଦ ପାଇଁ ଅଣାଯିବା ସମ୍ଭବ ନ ହେବାରୁ ସେହି ସ୍ଥାନରେ ସଂସ୍କାର କରାଯାଇଥିବା ଖମାର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



# ଗୋଟିଏ କୋଠରିରେ ୨ ଶ୍ରେଣୀ



ବଇଣ୍ଡା,୨୭।୫(ଡି.ଏନ.ଏ.)

- ୬୪ ବର୍ଷର ବଇସିଣା ଉଚ୍ଚ ପ୍ରାଥମିକ ସ୍କୁଲକୁ ଅବହେଳା
- ଆବଶ୍ୟକ ଶ୍ରେଣୀଗୃହ ନ ଥିବାରୁ ଠିକ୍ ଭାବେ ହେଉନି ପଢ଼ା
- ୪ ବର୍ଷ ହେଲା ଅଭିଯୋଗ କରିଆସୁଛି ପରିଚାଳନା କମିଟି

ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ ପାଇଁ ଉପଯୁକ୍ତ ଭିତ୍ତିଭୂମି ନାହିଁ। ଏହି କାରଣରୁ ଗୋଟିଏ କୋଠରିରେ ୨ଟି ଶ୍ରେଣୀର ପିଲାଙ୍କୁ ବସିବାକୁ ପଡୁଛି। ଏଥିସହ ଶିକ୍ଷକ ଅଭାବ ସମସ୍ୟା ମଧ୍ୟ ରହିଛି। ଏ ନେଇ ଦୀର୍ଘ ୪ ବର୍ଷ ହେଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଛି। କିନ୍ତୁ ସମାଧାନ ଦିଗରେ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଦୀର୍ଘ ୬୪ ବର୍ଷ ପୁରୁଣା ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇସିଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଏପରି ଅବହେଳା ଅଭିଭାବଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଗୁରୁବାର ଏ ନେଇ ଅନୁଗୋଳ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇଛି।

ପରିଚାଳନା କମିଟି ପକ୍ଷରୁ କୁହାଯାଇଛି, ୧୯୫୮ ମସିହାରେ ବଇସିଣା ଗ୍ରାମରେ ଏହି ବିଦ୍ୟାଳୟ ସ୍ଥାପନ ହୋଇଥିଲା। ବଇସିଣା, ପ୍ରତାପପୁର, ବୃଳିଆପୁର, ନୂଆଁ ବାଲିଖମଣ, ଖୋଲାରେଗେଡା, ନୂଆଁ ଖୋଲାରେଗେଡ଼ା ଆଦି ଗ୍ରାମର ପିଲାମାନେ ଏଠାରେ ପଢୁଛନ୍ତି। ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଥିବା ଏହି ଶିକ୍ଷାନୁଷ୍ଠାନରେ ୧୩୭ ଜଣ ଛାତ୍ରୀଛାତ୍ର ରହିଛନ୍ତି। ହେଲେ ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀ ଗୃହ ନ ଥିବା ଯୋଗୁ ପାଠପଢିବାରେ ଅସୁବିଧା ସୃଷ୍ଟି ହେଉଛି। ୮ଟି ଶ୍ରେଣୀ ପାଇଁ ମାତ୍ର ୪ଟି କୋଠରି ରହିଛି। ଫଳରେ ପ୍ରତ୍ୟେକ ଶ୍ରେଣୀ ଗୃହରେ ୨ଟି ଲେଖାଏ କ୍ଲାସ ହେଉଥିବାରୁ ଠିକ୍ ଭାବେ ପଢାଯାଇପାରୁ ନାହିଁ। ବହୁ ପୁରାତନ ବିଦ୍ୟାଳୟ ହୋଇଥିଲେ ମଧ ସମସ୍ୟା ସମାଧାନ କରାଯାଉ ନ ଥିବା ଯୋଗୁ ଛାତ୍ରୀଛାତ୍ରମାନେ ହଇରାଣ ହେଉଛନ୍ତି। ୫ ଜଣ ଶିକ୍ଷକ ଥିବାବେଳେ ଅଷ୍ଟମ ଶ୍ରେଣୀର ପିଲାଙ୍କ ପାଇଁ ଅଧିକ ଶିକ୍ଷକ ଆବଶ୍ୟକ ରହିଛି। କିନ୍ତୁ ଏଯାଏ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। ସେହିପରି ବିଦ୍ୟାଳୟରେ ପାଚେରି ନାହିଁ। ରାଜପଥ ସମ୍ପ୍ରସାରଣ ପାଇଁ ଭଙ୍ଗାଯାଇଥିବା ରୋଷେଇ ଘର ପୁନଃ ନିର୍ମାଣ କରାଯାଇ ନାହିଁ। ଛାତ୍ରୀଛାତ୍ରଙ୍କ ଶାରୀରିକ ବିକାଶ ପାଇଁ କ୍ରୀଡ଼ାର ଆବଶ୍ୟକତା ଥିବାବେଳେ ଏହି ସ୍କୁଲରେ ଖେଳ ପଡିଆଟିଏ ନାହିଁ। ଏଥିଯୋଗୁ ଛାତ୍ରୀଛାତ୍ରମାନେ କୌଣସି ପ୍ରକାର ଖେଳ ଖେଳିପାରୁ ନାହାନ୍ତି। ସମସ୍ୟା ସମାଧାନ ପାଇଁ ଶିକ୍ଷା କମିଟି ଓ ଗ୍ରାମବାସୀ ୧୨ ଜାନୁଆରୀ ୨୦୧୮ ଓ ୫ ଅଗଷ୍ଟ ୨୦୨୧ରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ଆଠମଲ୍ଲିକ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତୁରନ୍ତ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଢୀ କହିଛନ୍ତି, ବିଦ୍ୟାଳୟର ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ।

**ଆବଶ୍ୟକ ଶିକ୍ଷକ ନିଯୁକ୍ତ କରାଯାଉ**



ବିଦ୍ୟାଳୟରେ ଅନେକ ସମସ୍ୟା ରହିଛି। ଏ ନେଇ ଯାହାକୁ ଅଭିଯୋଗ କଲେ ମଧ କେହି ଶୁଣୁନାହାନ୍ତି। ବହୁ ପୁରାତନ ବିଦ୍ୟାଳୟକୁ ଅବହେଳା କରାଯାଉଥିବା ବେଳେ ଶିକ୍ଷାଦାନରେ ଅସୁବିଧା ସୃଷ୍ଟି ହେଉଛି। ଶ୍ରେଣୀଗୃହ ସହ ଆବଶ୍ୟକ ଶିକ୍ଷକ ନିଯୁକ୍ତ କରାଯାଉ।

-ଆଶିଷ କୁମାର ସାହୁ, ବିଦ୍ୟାଳୟ ସଭାପତି

**ଠିକ୍ ଭାବେ ହେଉନି ଶିକ୍ଷାଦାନ**



୬୪ ବର୍ଷର ଏହି ପୁରୁଣା ସ୍କୁଲରେ ଆବଶ୍ୟକ ଶ୍ରେଣୀଗୃହ ନ ଥିବା ଯୋଗୁ ଶିକ୍ଷାଦାନ ଠିକ୍ ଭାବେ ହୋଇପାରୁ ନାହିଁ। ତେଣୁ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବା ସହ ୮ମ ଶ୍ରେଣୀର ପିଲାଙ୍କୁ ପଢ଼ାଇବାକୁ ଶିକ୍ଷକ ନିଯୁକ୍ତି ଦିଆଯାଉ।

-ମନୋଜ କୁମାର ସିଂହ, ଅଭିଭାବକ

**ଖେଳ ପଡ଼ିଆ ନାହିଁ**



ବିଦ୍ୟାଳୟରେ ଖେଳ ପଡ଼ିଆ ନ ଥିବା ଯୋଗୁ ଛାତ୍ରୀଛାତ୍ରମାନେ ଖେଳିପାରୁନାହାନ୍ତି। ନୂଆ ରୋଷେଇ ଘର ନିର୍ମାଣ ହେଉନାହିଁ କି ଛାତ୍ରୀଛାତ୍ରମାନଙ୍କ ଖାଇବା ନିମନ୍ତେ କୌଣସି ସ୍ଥାନ ନାହିଁ। ତୁରନ୍ତ ପଦକ୍ଷେପ ନିଆଯାଉ।

-ଅରୁଣ କୁମାର ନହରା, ଅଭିଭାବକ

# ଶୃଙ୍ଖଳିତ ହେବାକୁ ପରାମର୍ଶ

ଢେଙ୍କାନାଳ ଅଫିସ, ୨୭।୫

ଢେଙ୍କାନାଳ କଲେଜ ଗଣିତ ବିଭାଗର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୃଙ୍ଖଳିତ, କର୍ତ୍ତବ୍ୟନିଷ୍ଠ ହେବାକୁ ପରାମର୍ଶ ଦେଇଥିଲେ। ରସାୟନ ବିଭାଗ ମୁଖ୍ୟ ଡ. ଦେବାଶିଷ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମୟାନୁବର୍ତ୍ତୀ ହୋଇ ପାଠପଢ଼ାରେ ମନଯୋଗ କରିବାକୁ ଉତ୍ସାହିତ କରାଇଥିଲେ। ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଡ. ଅନିରୁଦ୍ଧ ଖିଲାର ମୁଖ୍ୟବକ୍ତା ଭାବେ ଯୋଗଦେଇ ଜୀବନରେ ଗଣିତର ଭୂମିକା ଏବଂ ଏହାର ଚମତ୍କାର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ।

ବିଭାଗୀୟ ମୁଖ୍ୟ ଡ. ସୁରେଖା ବଳିଆରସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସେମିନାର ସମ୍ପାଦକ ଛାତ୍ର ସୌଭାଗ୍ୟ ରଞ୍ଜନ ମୁଦୁଲି ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଥମ ବର୍ଷର ଛାତ୍ରୀମାନେ ଗଣିତଜ୍ଞ ପ୍ରଫେସର ଗୋକୁଳାନନ୍ଦ ଦାସଙ୍କ ରଚିତ ଗଣିତରାଣୀ ସଙ୍ଗୀତ ଗାଇଥିଲେ। ଛାତ୍ରୀ ସୋହେଲ ସାହୁ 'ମାଥମେଟିକ୍ସ ଆଣ୍ଡ୍ ଇଟ୍‌ସ ଆପ୍ଲିକେଶନ' ବିଷୟକୁ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଏହି ଉପଲକ୍ଷେ ବାର୍ଷିକ ସେମିନାର ବୁଲେଟିନ 'ମାଥମେଟିକା' ଉନ୍ମୋଚିତ ହୋଇଥିଲା। ଗଣିତ ପ୍ରତିଯୋଗିତା ଶ୍ରେଷ୍ଠ ୬ଜଣ ପୁରସ୍କୃତ ହୋଇଥିଲା। ୨୦୨୦-୨୧ ଶିକ୍ଷାବର୍ଷରେ କଲେଜର ଗଣିତ ବିଭାଗ ଟପ୍ପର ଅମୃତ ବିନୟ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପିକା ଦୀପାଞ୍ଜଳି ସାହୁ, ଅଧ୍ୟାପିକା ପୁଷ୍ପାଞ୍ଜଳି ମହାପାତ୍ର, ଛାତ୍ରୀ ବିଶ୍ୱରୂପା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

# ବିକାଶମୂଳକ କାର୍ଯ୍ୟ ଉପରେ ଆଲୋଚନା

ଆଠମଲ୍ଲିକ,୨୭।୫(ଡି.ଏନ.ଏ.)

ଆଠମଲ୍ଲିକ ଏନ୍‌ଏସି ସଭାଗୃହରେ ଶୁକ୍ରବାର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଆଶା କୁମାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦ୍ୱିତୀୟ ସାଧାରଣ ବୈଠକରେ ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ବିଧାୟକଙ୍କ ପ୍ରତିନିଧି ଆଇନଜୀବୀ ବିଜୟ କୁମାର ମହାକୁଡ଼, ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନାଙ୍କ ସମେତ ସମସ୍ତ କାଉନସିଲର ଯୋଗ ଦେଇଥିଲେ। ବୈଠକରେ ସମସ୍ତ ୱାର୍ଡରେ ହେବାକୁ ଥିବା ବିକାଶମୂଳକ କାର୍ଯ୍ୟ, ବର୍ଷାଦିନ ପୂର୍ବରୁ ଡ୍ରେନ ସଫା ଓ କଭର ନିର୍ମାଣ ଏବଂ ବିଦ୍ୟୁତ୍ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବିଧାୟକଙ୍କ ପ୍ରତିନିଧି ମହାକୁଡ଼ ଲିପ୍ତିଙ୍ଗା ସ୍କୁଲ ନିକଟରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଓ ଗାନ୍ଧୀ ପାର୍କରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ଅତି ଶୀଘ୍ର ସଫା କରାଯାଇ ପୁନଃ ଚାଲୁ କରିବାକୁ ଦାବି ରଖିଥିଲେ। ଶେଷରେ ସିଟି ମ୍ୟାନେଜର ସଞ୍ଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀମାନେ।

# ରାସ୍ତାରେ ଜମୁଛି ଆଣ୍ଠୁଏ ପାଣି

ମାଧପୁର, ୨୭।୫

ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ କୁନ୍ଦନାଳୀ ରେଞ୍ଜ ଅଫିସଠାରୁ ନୂଆଗାଁ ଆରଡି ରାସ୍ତାକୁ ସଂଯୋଗ କରୁଥିବା ସୋରିଷପଙ୍କ କୁଡ଼ାସାହି ଗ୍ରାମ୍ୟ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅ ସ ର। ଏ ବର୍ଷା ହେଲେ ଉକ୍ତ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି



ରହୁଛି। ଫଳରେ ଯାତାୟାତ କରୁଥିବା ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପରିବାର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଏଭଳି ଅସୁବିଧା ହେଉଥିବା ଜଣାପଡ଼ିଛି। ଏପରି କି ବର୍ଷା ପାଣି ଜମି ରହୁଥିବାରୁ ରସ୍ତା ପାର୍ଶ୍ୱରେ ଥିବା ନଳକୂଅ ଚାରିପଟେ ପାଣି ଭରିଯାଉଛି। ଫଳରେ ଏହାର ବ୍ୟବହାର ଉପଯୋଗୀ ହେଇପାରୁ ନାହିଁ। ବିଭାଗୀୟ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ନେଇ ତିତିରିକଟା ଗ୍ରାମର ନାରୀନେତ୍ରୀ ପ୍ରିୟଦର୍ଶିନୀ ସ୍ୱାଇଁ ଟୁଇଟ୍ ଯୋଗେ ଆଠମଲ୍ଲିକ ବିଡିଓ ସନ୍ତୋଷ କୁମାର ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ବିଡିଓଙ୍କ ଫୋନ ସୁଇଚ ଅଫ୍ ଥିବାରୁ ତାଙ୍କ ମତାମତ ମିଳିପାରି ନାହିଁ।

# ଅନୁଗୋଳ ବଜାରରେ ଓକାୟା ଇ-ଭେଇକିଲ୍

ଅନୁଗୋଳ ଅଫିସ, ୨୭।୫




ଅନୁଗୋଳ ସହର ଗାନ୍ଧୀମାର୍ଗର ଅମଲାପଡାଠାରେ ଶୁକ୍ରବାର ଓକାୟା ଇ-ଭେଇକିଲ୍ ଶୋ' ରୁମ୍ ଉଦ୍‌ଘାଟନ ହୋଇଯାଇଛି। ଏହି ଉଦ୍‌ଘାଟନ ଅବସରରେ ଶୋ' ରୁମ୍ ମାଲିକ ଗିରିଜା ଶଙ୍କର ଅଗ୍ରୱାଲ, ଓକାୟାର ରିଜିଓନାଲ ମ୍ୟାନେଜର ଆବଜର, ଜୋନାଲ ସର୍ଭିସ ହେଡ ଅଞ୍ଜନ, ରାଜ୍ୟ ମୁଖ୍ୟ ଜ୍ଞାନ ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଓକାୟା ଇ-ଭେଇକିଲ୍‌ର ୩ଟି ମଡେଲ ବଜାରକୁ ପ୍ରବେଶ କରିଛି। ଦୁଇଟି ମଡେଲ କ୍ଲାସିକ୍ ଓ ଫ୍ରିଡମ୍ ରହିଛି। ଏହା ଥରେ ଚାର୍ଜ ହେଲେ ୭୨ କିଲୋମିଟର ପର୍ଯ୍ୟନ୍ତ ଯାଇପାରିବ। ଏହାର ବେଗ ସର୍ବାଧିକ ୨୫ କିଲୋମିଟର ପ୍ରତି ଘଣ୍ଟା ରହିବ। ଏଥିରେ ପରିବହନ ବିଭାଗର କୌଣସି କାଗଜପତ୍ର କିମ୍ବା ରୋଡ୍ ଟ୍ୟାକ୍ସ ଦେବାକୁ ପଡ଼ିବ ନାହିଁ। ଏହାର ମୂଲ୍ୟ ୭୨ରୁ ୭୩ ହଜାର ମଧ୍ୟରେ ରହିବ ବୋଲି ସଂସ୍ଥାର ରିଜିଓନାଲ ମ୍ୟାନେଜର ଆବଜର କହିଛନ୍ତି। ସେହିଭଳି ଫାଷ୍ଟ ମଡେଲ ଘଣ୍ଟାକୁ ୬୦ କିଲୋମିଟର ଗତିରେ ଥରେ ଚାର୍ଜରେ ୧୨୦ କିଲୋମିଟର ପର୍ଯ୍ୟନ୍ତ ଯାଇପାରିବ। ଏହାର ମୂଲ୍ୟ ୧ ଲକ୍ଷ ୧୧ ହଜାର ରହୁଥିବା କୁହାଯାଇଛି। ଏହି ଫାଷ୍ଟ ମଡେଲ ଗାଡ଼ିରେ ସବ୍‌ସିଡି ସହ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାହକଙ୍କ ଆକାଉଣ୍ଟକୁ ୫ ହଜାର ଟଙ୍କା ସବ୍‌ସିଡି ବାବଦକୁ ଦିଆଯିବାର ବ୍ୟବସ୍ଥା ରହିଥିବା ଆବଜର କହିଛନ୍ତି।

# ଆଶାକର୍ମୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଅନୁଗୋଳ ଅଫିସ, ୨୭।୫

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଆଶା କର୍ମୀଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ତାଳଚେର ବ୍ଲକ ଡେଣ୍ଟୁଲେଇ ଗ୍ରାମର ଆଶାକର୍ମୀ ଜଣେ ଗର୍ଭବତୀଙ୍କୁ ଧରି ଚେକ୍‌ଅପ୍ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଥିବା ଡାକ୍ତର ତାଙ୍କୁ ଲେବର ରୁମ୍‌କୁ ପଠାଇ ଦେଇଥିଲେ। କିନ୍ତୁ ଲେବର ରୁମ୍‌ରେ ଥିବା ଷ୍ଟାଫ୍ ଓପିଡି କରିକି ଆସିବାକୁ କହିଥିଲେ। ଓପିଡି ହେଲ୍ପ ଡେସ୍କରେ ଥିବା ଜଣେ କର୍ମଚାରୀ ଟିକେଟ ଦରକାର ନାହିଁ ବୋଲି ଆଶାକର୍ମୀଙ୍କୁ କହିଥିଲେ। ଫଳରେ ଆଶାକର୍ମୀ ଗର୍ଭବତୀଙ୍କୁ ଧରି ସିଧା ଡାକ୍ତରଙ୍କ ପାଖକୁ ଯାଇଥିଲେ। କିନ୍ତୁ ବିନା ଟିକେଟରେ ଡାକ୍ତର ଦେଖିବେ ନାହିଁ ବୋଲି ତାଙ୍କୁ କୁହାଯାଇଥିଲା। ଟିକେଟ୍ ଆବଶ୍ୟକ ନାହିଁ ବୋଲି ହେଲ୍ପ ଡେସ୍କର ଜଣେ କର୍ମଚାରୀ ତାଙ୍କୁ କହିଥିବା ସମ୍ପର୍କରେ ଆଶାକର୍ମୀ ପ୍ରକାଶ କରିଥିଲେ ହେଁ ଡାକ୍ତର ତାଙ୍କ କଥାକୁ କର୍ଣ୍ଣପାତ କରି ନ ଥିଲେ। ଆଶାକର୍ମୀ ସେଠାରୁ ଟିକେଟ୍ କାଉଣ୍ଟରକୁ ଯାଇ ନିଜ ଅସନ୍ତୋଷ ଜଣାଇବା ପରେ ହଠାତ୍ ସେଠାରେ ଡ୍ୟୁଟିରେ ଥିବା ହେଲ୍ପ ଡେସ୍କ କର୍ମଚାରୀ ତାଙ୍କୁ ଡାକ୍ତରଙ୍କ ପାଖକୁ ଭିଡ଼ି ଆଣିଥିଲେ। ସେଠାରେ ଦୁର୍ବ୍ୟବହାର କରାଯିବା ସହ ଏକ କୋଠରିରେ ତାଙ୍କୁ ବନ୍ଦ କରିଦିଆଯାଇଥିଲା। ଏ ସମ୍ପର୍କରେ ସମ୍ପୃକ୍ତ ଆଶାକର୍ମୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତେବେ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ।

# ସ୍ତ୍ରୀଙ୍କୁ ଆକ୍ରମଣ ଅଭିଯୋଗ

ବଇଣ୍ଡା,୨୭।୫(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବନ୍ଧଗାଁ ଗ୍ରାମର କସ୍ତୁରୀ ନାୟକଙ୍କୁ ତାଙ୍କ ସ୍ୱାମୀ ଭୁବୁନି ନାୟକ ମାଡ଼ ମାରିଥିବା ଗୁରୁବାର ଠାକୁରଗଡ଼ ଥାନାରେ କସ୍ତୁରୀ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୧୩୩/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, କସ୍ତୁରୀ ଘରେ ଥିବାବେଳେ ପାରିବାରିକ କଳହକୁ ନେଇ ଭୁବୁନି ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ତାଳଚେର,୨୭।୫(ନି.ପ୍ର)

ତାଳଚେର ଗଡ଼ତଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ସଭାପତି ତଥା ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଭଲମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ଉଗ୍ରସେନ ବେହେରା ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପାଇକରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଆ ଅଧ୍ୟାପକ ରଞ୍ଜିତ କୁମାର ଗୁରୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ବସନ୍ତ ମଞ୍ଜରୀ ମିଶ୍ର ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀମାନେ।

# 'କେନ୍ଦ୍ର ଯୋଜନା ରାଜ୍ୟ ହଡ଼ପ କରୁଛି'

ଅନୁଗୋଳ ଅଫିସ, ୨୭।୫

ଅନୁଗୋଳ ଜିଲା ଭାଜପା ମହିଳା ମୋର୍ଚ୍ଚା ପଦାଧିକାରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲା ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରି କହିଥିଲେ, ମୋଦି ସରକାରଙ୍କ ୮ ବର୍ଷ ପୂର୍ତ୍ତି ଅବସରରେ ଭାଜପା ତୃଣମୂଳସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି। ଜୁନ ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ମୋଦି ସରକାର ଅନେକ ଯୋଜନା ପ୍ରସ୍ତୁତ କରି ଓଡିଶାକୁ କୋଟି କୋଟି ଟଙ୍କା ଦେଉଥିବା ବେଳେ ରାଜ୍ୟ ସରକାର କିଛି ନ କରି ଉକ୍ତ ଯୋଜନାକୁ ହଡପ କରୁଛନ୍ତି। ରାଜ୍ୟରେ ଦିନକୁ ୫ ବଳାତ୍କାର, ୭ ଅପହରଣ ଏବଂ ୫ ବର୍ଷରେ ୨୭୦୦୦ ଶିଶୁ ନିଖୋଜ ସମ୍ପର୍କିତ ତଥ୍ୟ ନେଇ ମହିଳା ମୋର୍ଚ୍ଚା ଜିଲାର ସମସ୍ତ ମଣ୍ଡଳସ୍ତରରେ କାର୍ଯ୍ୟକ୍ରମ କରି ଲୋକଙ୍କ ପାଖକୁ ଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଜିଲା ସଭାପତି ଡିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ଅଗସ୍ତି ବେହେରା, ପ୍ରତିମା ମିଶ୍ର, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ରୋଜାଲିନ ଦାସ, ଜିଲା ଉପ ସଭାପତି ନୃସିଂହ ବରାଳ, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ ଓ ପ୍ରକାଶ ମହାରଣା ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ଭାଜପା କର୍ମକର୍ତ୍ତାମାନେ।

# ହିଙ୍ଗୁଳା ଖଣି ବନ୍ଦ ଆନ୍ଦୋଳନ

ତାଳଚେର,୨୭।୫(ନି.ପ୍ର.)

ନିଯୁକ୍ତି, ଥଇଥାନ ତଥା କ୍ଷତିପୂରଣ ଆଦି ଦାବି ନେଇ ତାଳଚେର ବ୍ଲକ ଗୋପାଳପ୍ରସାଦ ଗ୍ରାମବାସୀଙ୍କ ପକ୍ଷରୁ ଶୁକ୍ରବାର ହିଙ୍ଗୁଳା କୋଇଲା ଖଣି ବନ୍ଦ ଆନ୍ଦୋଳନ କରାଯାଇଥିଲା। ସକାଳ ୫ଟାରୁ ଶତାଧିକ ଗ୍ରାମବାସୀ ହିଙ୍ଗୁଳା କୋଇଲା ଖଣି, ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ଟାଇମ ଅଫିସ ଓ ଶାଳବଣିଆସ୍ଥିତ ପରିବହନ ରାସ୍ତା ଅବରୋଧ କରିଥିଲେ। ଫଳରେ ଖଣିରୁ କୋଇଲା ଉତ୍ପାଦନ ଓ ପରିବହନ କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଥିଲା।

ପ୍ରକାଶ ଯେ, ପୂର୍ବରୁ ଗୋପାଳପ୍ରସାଦ ପଞ୍ଚାୟତର କେତେକ ଘର ଓ ଜମି ୨ଟି ପର୍ଯ୍ୟାୟରେ ଏମ୍‌ସିଏଲ୍ ହିଙ୍ଗୁଳା କୋଇଲାଖଣି ଦ୍ୱାରା ଅଧିଗ୍ରହଣ ହୋଇଥିବାବେଳେ ୩ୟ ପର୍ଯ୍ୟାୟରେ କୁସୁମପାଳ, ମଲ୍ଲୀବନ୍ଧ ଓ ଗୋପାଳପ୍ରସାଦ ଗ୍ରାମର କେତେକ ଜମି ଓ ବାସଗୃହ ଅଧିଗ୍ରହଣ କରାଯାଇଛି। ମଲ୍ଲୀବନ୍ଧ ଓ କୁସୁମପାଳ ଗ୍ରାମର କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ନିଯୁକ୍ତି, ଥଇଥାନ ଓ କ୍ଷତିପୂରଣ ପ୍ରଦାନ କରାଯାଇଛି। କିନ୍ତୁ ଗୋପାଳପ୍ରସାଦ ଗ୍ରାମର ୩ୟ ପର୍ଯ୍ୟାୟରେ ଅଧିଗ୍ରହଣ କରାଯାଇଥିବା ଜମି ଓ ବାସଗୃହଗୁଡିକର ଉପଯୁକ୍ତ କ୍ଷତିପୂରଣ, ନିଯୁକ୍ତି ତଥା ଥଇଥାନ ଆଦି ସୁବିଧା କରାଯାଇନାହିଁ। ଏ ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଅଣଦେଖା କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଗ୍ରାମ ସଭାପତି ରଞ୍ଜିତ ବେହେରା, ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଓ ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ସିଂହଙ୍କ ନେତୃତ୍ୱରେ ସମସ୍ତ ଗ୍ରାମବାସୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ସମସ୍ୟାର ସମାଧାନ ନିମନ୍ତେ ପୋଲିସ, ପ୍ରଶାସନ ଉପସ୍ଥିତିରେ ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ, କୋଇଲା ଖଣି ଉଚ୍ଚପଦସ୍ଥ ଅଧିକାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୩୧ ତାରିଖରେ ଏମ୍‌ସିଏଲ୍ ମୁଖ୍ୟାଳୟରେ ସିଏମଡିଙ୍କ ଉପସ୍ଥିତିରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଅପରାହ୍ନରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ଗ୍ରାମବାସୀ ଆନ୍ଦୋଳନ ଚଳାଇଛନ୍ତି।

